# "ପୁତ୍ର ସନ୍ତାନ ଜନ୍ମ ହେଲାପରେ ଘରର ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା" !

ମୋର ନାମ ସମର୍ଜିତ୍ ସାହୁ (ଛଦ୍ମନାମ), କାମ ଗୃଷବାସ କରିବା । ଘର ବାଲିକୁଦା ଥାନା ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାରେ । ମୋର ବିବାହ ତା-୩୦-୧୦-୨୦୧୩ରିଖରେ ହୋଇଥିଲା । ସୁନି ନାମକ ଏକ କନ୍ୟା ସନ୍ତାନ ମଧ ଜନ୍ମ ହୋଇଥିଲା । ହଠାତ୍ ସ୍ତ୍ରୀ ମୋର କ୍ୟାନ୍ସର୍ ରୋଗରେ ପଡ଼ି ମୋତେ ଛାଡ଼ି ଆର ପାରିକୁ ଚାଲିଗଲା । ଗାଁରେ ଲୋକମାନେ ଦ୍ୱିତୀୟ ବିବାହ କରିବା ପାଇଁ ମୋ ଉପରେ ଗ୍ରପ ସୃଷ୍ଟି କଲେ । ମାତ୍ର ମୁଁ ରାଜି ହେଲି ନାହିଁ । ଏହାର କିଛି ଦିନ ପରେ ମୁଁ ଦେଖିଲି ଯେ, ଗୋଟିଏ ଛୋଟ ଛୁଆକୁ ଧରି ସମାଜରେ ବଞ୍ଚିବା ବଡ଼ କଷ୍ଟ ଦାୟକ । ମୋତେ ବିବାହ କରିବା ପାଇଁ ନିହାତି ଭାବରେ ପଡ଼ିବ । ତେଣୁ ମୋର ବିବାହ ପାଇଁ ଏକ ଝିଅ ଖୋଜା ଚାଲିଲା । ଜୈନିକ ମଧସ୍ଥିଙ୍କ ମଧ୍ୟସ୍ତତାରେ ନିହାତି ଗରୀବ ଝିଅ ସହିତ ବାହାଘର ସ୍ଥିର ହେଲା । ଏପରିକି ବିବାହ ସମୟରେ ବାହାଘର ବ୍ୟବହୃତ ଡ୍ରେସ୍‌ପତ୍ର ମଧ ଦେଇପାରିବେ ନାହିଁ ବୋଲି ତାଙ୍କ ପରିବାର ଲୋକେ କହିଥିଲେ । ଫଳରେ ଆମଘରୁ ସମସ୍ତ ଯୋଗାଡ଼ କରି ବାହାଘର ସମ୍ପର୍ଣ୍ଣ ହୋଇଥିଲା । ବିବାହ ସମୟରେ ଘରର ପରିସ୍ଥିତି ଏପରିକି ଝିଅକୁ ପାଳିବା ଏକ ପ୍ରମୁଖ କାମ ବୋଲି ତାଙ୍କୁ ଜଣା ଯାଇଥିଲା । ପ୍ରଥମତଃ ସବୁ ଠିକ୍ ଠାକ୍ ଥିଲା । କିନ୍ତୁ ପରମୁହୂର୍ତ୍ତରେ ଆମର ଏକ "ପୁତ୍ର ସନ୍ତାନ ଜନ୍ମ ହେଲାପରେ ଘରର ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା" । ସ୍ତ୍ରୀ ସର୍ବଦା ଝିଅକୁ ଅବହେଳା କରୁଥିଲା । ଏପରିକି ମୁଁ ଯାଇ ତାଙ୍କ ବାପଘରେ ରହିବା ପାଇଁ ମୋତେ ବାଧ କରୁଥିଲେ । ଯାହା ସମ୍ପୂର୍ଣ୍ଣ ଅସମ୍ଭବ, କାରଣ ମୋ ଘରେ ମୋତେ ଭରଷା କରି ରହିଥିଲେ ମୋର ବୃଦ୍ଧ ପିତାମାତା । ମୋତେ ଅଭଦ୍ର ଭାଷାରେ ଗାଳିଗୁଲଜ୍ କରିବା, ଧମକ ଚମକ ଦେବା, ଘରକୁ ନଆସିବାରୁ ମୁଁ ଥାନାକୁ ଯାଇ ଜଣାଇଥିଲି । ମାତ୍ର ଥାନା କୌଣସି କେସ୍ ନକରି ମତେ ଫେରାଇ ଦେଇଥିଲେ । ଜଣେ କଟକର ଆମ ଗାଁ ପାଖର ଓକିଲ ବାବୁଙ୍କର ପରାମର୍ଶ କ୍ରମେ ମୋ ସ୍ତ୍ରୀ ପାଖକୁ ଏକ ନୋଟିସ୍ ପଠାଇବାରୁ ସେ ଯୌତୁକ ନିର୍ଯାତନା କେସ୍ ଆମ ପରିବାରର ନାମରେ କରିଦେଇଛନ୍ତି । ଯାହ ସମ୍ପୂର୍ଣ୍ଣ ମିଥ୍ୟା ହୋଇଥିଲେ ମଧ ଆମ କଥା କେହି ଶୁଣିବା ପାଇଁ ନାରାଜ.............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।